## ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ

# ନାଟକ 'ଅବାଞ୍ଛିତ କୁରୁକ୍ଷେତ୍ର' ପ୍ରଦର୍ଶିତ





**ଭବାନୀପାଟଣା,୨୨।୧୨ (ସମିସ)**

'ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, କୁଳପତି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଡ଼.ନିବେଦିତା ନାଥ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକନନ୍ଦ ମହାନନ୍ଦ, ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଉମା ଶଙ୍କର କର, ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ପ୍ରତିମୂର୍ତ୍ତୀ ଠାରେ ପୁଷ୍ପମାଲ୍ୟ ଦେଇ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ସମ୍ପ୍ରତି ମନନଶୀଳ, ଜୀବନଧର୍ମୀ ଓ ସମାଜ ଉପଯୋଗୀ ନାଟକକୁ ଉପଭୋଗ କରିବାର ଆବେଗ ଆଜିର ନାଟକ ପୂର୍ଣ୍ଣ କରିପାରିଛି। ଦୁର୍ନୀତି ଓ ଅନୀତିର ମାତ୍ରା ବୃଦ୍ଧି ସମାଜକୁ କିପରି ମହା ସଙ୍କଟ ଆଡକୁ ଠେଲି ନେଉଛି ତାହା ହିଁ ଚରିତ୍ରମାନଙ୍କ ନିଖୁଣ ଅଭିନୟ ଆଉ ସଂଳାପ ସୂଚେଇ ଦେଇଥିଲା।ପାରସ୍ପରିକ ସମ୍ପର୍କ ସୌହାର୍ଦ୍ଦ ଏବଂ ମାନବିକ ଚେତନା ଜାଗ୍ରତ କରିବାରେ ନାଟକଟି ଦର୍ଶକଙ୍କ କ୍ଷେତ୍ରରେ ବେଶ ମୂଲ୍ୟବୋଧ ହୋଇଥିବା ଅନୁଭବ ହୋଇଛି। ତେଣୁ ଅନେକ ନାଟ୍ୟପ୍ରେମୀ ସ୍ୱୀକାର କରିଛନ୍ତି ବାଞ୍ଛିତ ଇଚ୍ଛାକୁ ପୂରଣ କରିଛି ନାଟକ 'ଅବାଞ୍ଛିତ କୁରୁକ୍ଷେତ୍ର'। ଏହି ଅବସରରେ ବିଶିଷ୍ଟ ଅଭିନେତା ପ୍ରତାପ କିଶୋର ମୁଣ୍ଡ ଏବଂ ସୁରେନ୍ଦ୍ର ନେଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ନାଟକ'ଅବାଞ୍ଛିତ କୁରୁକ୍ଷେତ୍ର'। ଦ୍ୱାପର ଅତିକ୍ରାନ୍ତେ କଳି କାଳରେ ଯେଉଁ ମହାଭାରତ ଚାଲିଛି, ସେଇ ମହାଭାରତରେ ଅର୍ଜୁନ ସାରଥି ବିହୀନ ଓ କ୍ଷମତା ଲୋଭୀ। ଏକ ବଳତ୍କାର ପୀଡିତାକୁ ନ୍ୟାୟ ଦେବା ପାଇଁ ଆଜିର ଅଭିମନ୍ୟୁ ଯେତେବେଳେ ବିଦ୍ରୋହ କରେ, ସେ ଏମିତି ଏକ ଚକ୍ରବ୍ୟୂହ ଭିତରେ ପଶେ ଯେଉଁଠି କୌରବ କିଏ ଆଉ ପାଣ୍ଡବ କିଏ ଜାଣିବା ଅସମ୍ଭବ ହେଇପଡେ। ବେଲାଳସେନ ଏବଂ ଅଶ୍ୱତ୍ଥମା ଏ ଅବାଞ୍ଛିତ କୁରୁକ୍ଷେତ୍ରରେ ଅନ୍ୟାୟ, ଅତ୍ୟାଚାର, ହିଂସାର ତାଣ୍ଡବରେ ଅତିଷ୍ଠ ହୋଇ ପଡ଼ି ବିକଳରେ ଡାକ ଛାଡନ୍ତି ସେଇ ଚକ୍ରଧରଙ୍କୁ ଯିଏ ଦିନେ ଅଧର୍ମର ନିପାତ ନିମନ୍ତେ ରଚିଥିଲେ ମହାଭାରତ। ଏହି ବାର୍ତ୍ତା ସହ ଆଜି ସ୍ମାରକୀ ନାଟ୍ୟ ସଂସ୍ଥା ଦ୍ୱାରା ପରିବେଷଣ ହୋଇଥିଲା। ନାଟକକୁ ବରିଷ୍ଠ ନାଟ୍ୟକାର ମନୋଜ ରଥ ରଚନା କରିଥିବାବେଳେ ବରିଷ୍ଠ ନିର୍ଦ୍ଦେଶକ ପ୍ରବୋଧ ରଥ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ସୁଧୀର ରଥ, ସୌରଭ ମହାପାତ୍ର, ଶିବଶକ୍ତି ପୁରୋହିତ, ଅମରେନ୍ଦ୍ର ମହାନ୍ତି, ଅନିଲ କୁମାର ବୈଠାରୁ, ଅବିନାଶ ଅଗସ୍ତି, ଆଲୋକ କୁମାର ସାହୁ, ଶୁଭମ ବେହେରା, ଆର୍ଯ୍ୟା ନାୟକ, କେ ଗୋପୀଧର ନାୟର୍, ମଧୁ ଦୀପ, ତରୁଣ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ସହାୟତା କରିଥିଲେ ଗୁରୁ ନରେନ୍ଦ୍ର ପଣ୍ଡା, ଶୁଭେନ୍ଦୁ ପାଢ଼ୀ, ଲିପ୍ସା ମହାରଣା, ପ୍ରଦୀପ ସିଂହ ଏବଂ ସନ୍ତୋଷ ଝା। ମଞ୍ଚସଜ୍ଜା କରିଥିଲେ ପ୍ରତାପ ଚନ୍ଦ୍ର ପଣ୍ଡା। ଟାଉନହଲରେ ଦର୍ଶକଙ୍କ ଭିଡ ଏବଂ ଅଜସ୍ର କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ମାରକୀ ଅନୁଷ୍ଠାନର ଆଶୁତୋଷ ପୁରୋହିତ, ଦୀପ୍ତିମୟୀ ସିଂ, ହେମନ୍ତ ଦଣ୍ଡସେନା, ରାଜେଶ ଦାଶ, ସୁଶୀଲ ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ଦୀପ, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

**ପ୍ରତାପ ମୁଣ୍ଡ ଏବଂ ସୁରେନ୍ଦ୍ର ନେଗୀଙ୍କୁ ସମ୍ବର୍ଦ୍ଧନା**

## ଜିଲ୍ଲାସ୍ତରୀୟ ଜାତୀୟ ଗଣିତ ଦିବସ




**ନୂଆପଡ଼ା, ୨୨।୧୨ (ସମିସ):** ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଜିଲ୍ଲାସ୍ତରୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଖରିଆରରୋଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ସୋତା ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୁଦନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀ ହୋତା ଜୀବନ ଗଣିତରେ ଚାରି ଗାଣିତିକ ପ୍ରକ୍ରିୟାକୁ ସୁନ୍ଦର ଭାବରେ ବଖାଣିଥିଲେ।ସେହିପରି ଶ୍ରୀ ମିଶ୍ର ବିଭିନ୍ନ ପ୍ରକାର ସଖ୍ୟା ଗଣିତ ଉପରେ ଆଲୋକପାତ କରିଥିବା ବେଳେ ଶ୍ରୀ ସା ଗଣିତର କୁହୁକ ଓ ଜୀବନରେ ତାହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଇତ୍ୟବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଗଣିତର ସୂତ୍ର ପୁସ୍ତକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଫାଲ୍ଗୁନୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଚିତେଶ୍ୱରୀ ସାହୁ, ପ୍ରମିଳା କୁଣ୍ଡ, ପ୍ରଦୀପ ଭୋଇ, ପଙ୍କଜ ସତନାମୀ, ପ୍ରିୟବ୍ରତ ଥନାପତି ପ୍ରମୁଖ ସାହାଯ୍ୟ କରିଥିଲେ।

## ଓଁ ଶାନ୍ତି ସେବାକେନ୍ଦ୍ରର ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା, ୨୨।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ଓଁ ଶାନ୍ତି ସେବାକେନ୍ଦ୍ରର ବାର୍ଷିକ ଉତ୍ସବ ରବିବାର ପାଳନ ହୋଇଯାଇଛି।ପ୍ରଜାପିତା ବ୍ରହ୍ମା କୁମାରୀ ଈଶରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁରରୁ ବିକେ ବ୍ରହ୍ମାକୁମାରୀ ରାଜଯୋଗିନୀ ନମିତା ଦିଦି ଜୀ, ବିକେ ଗୀତା ଦିଦି, ବିକେ ମମତା ଦିଦି, ବିକେ ଗିରିଶ ଭାଇ, ବିକେ ଶିବାନୀ ଦିଦି ପ୍ରମୁଖ ଯୋଗ ଦେଇଥିଲେ। କର୍ଲାମୁଣ୍ଡାରୁ ବିକେ କୋଦଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଭାଇ ଭଉଣୀ ଏବଂ କୁଶୁର୍ଲା ସଞ୍ଚାଳିକା ବ୍ରହ୍ମାକୁମାରୀ ରେବତୀ ଭଉଣୀ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର, କୁଶୁର୍ଲା ଗାଁ ମୁଖିଆ ଜନ୍ମେଜୟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ଦାସ ହେମସାଗର ସାହୁ, ଶଶିକାନ୍ତ ରଣା ଅନୁଭୂତି ସହିତ ଆଗକୁ ଆମେ ରାଜଯୋଗ ଗ୍ରହଣ କରିବା ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଗଣ୍ଡାଦୀପ ସାହୁଙ୍କ ପରିସରରେ ଆୟୋଜନ କରାଯାଇଥିଲା ଶେଷରେ ବିକେ କୁସୁମ ମଞ୍ଜରୀ ପଣ୍ଡା, ବିକେ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭରୁଆମୁଣ୍ଡା ଓଏଭିର ବାର୍ଷିକ ଉତ୍ସବ



**ବେଲପଡ଼ା, ୨୨।୧୨(ସମିସ):** ଭରୁଆମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅରକ୍ଷିତ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜେଶ ମେହେର (ବିଡ଼ିଓ, ବେଲପଡ଼ା), ସମ୍ମାନିତ ଅତିଥି ଭାବେ ରୋହତାସ୍ୱର କୁମ୍ଭାର (ଅଧ୍ୟାପକ, କେବି କଲେଜ, କଣ୍ଟାବାଞ୍ଜି), ରାଜ ନାରାୟଣ ମେହେର (ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ), ମୁଖ୍ୟବକ୍ତା ଭାବେ ପ୍ରଫେସର ଲୋହିତାକ୍ଷ ଯୋଶୀ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଟିକେଶ୍ୱର ବିଶି ଓ ଯଶୋବନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଚିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି ପାଇଁ ମହିଳା

**ମ.ରାମପୁର, ୨୨।୧୨(ସମିସ):** ଆଜି ସେବା ଜଗତ ରଙ୍ଗାପଦର ଠାରେ ମହିଳା ମାନଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ ମହିଳା ସମୂହ (ପ୍ରକୃତି ପାଇଁ ମହିଳା) ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଗଜପତି, ନୂଆପଡ଼ା, କନ୍ଧମାଳ, ବରଗଡ଼, କଳାହାଣ୍ଡି ଏବଂସୁନ୍ଦରଗଡ଼ ଜିଲ୍ଲାର ୪୦ରୁ ଊର୍ଦ୍ଧ୍ୱ ମହିଳା ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।ଏହାର ମୁଖ୍ୟ ଉଦେଶ୍ୟ ମହିଳାମାନେ ପକୃତିର ସୁରକ୍ଷା କରିବା ପାଇଁ ତାଙ୍କ ଭୂମିକା ବହୁତ ରହୁଥିବାରୁ ସେମାନେ ଆଗକୁ ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା କରି ତାର ସମସ୍ୟାର ସମାଧାନ କରିପାରିବେ। କାର୍ଯ୍ୟକ୍ରମକୁ ରୋଶନାର ମହାନ୍ତି ପରିଚାଳନା କରିଥିବା ବେଳେ ଅନ୍ୟସାଥି ସହଯୋଗ କରିଥିବା ସହିତ ଫୋଗୋ ନେଟୱର୍କ ଓ ସେବାଜଗତର ଯୁଗ୍ମ ସହଯୋଗରେ ଆୟୋଜନ କରାଯାଇଥିଲା।




## କଦମପଡ଼ା ଶିଶୁ ବିଦ୍ୟାଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୨୨।୧୨ (ସମିସ):** ବଲାଙ୍ଗିର କଦମପଡ଼ା ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ୪୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଖଣି ନିଗମ ଉପ ପ୍ରବନ୍ଧକ ସାର୍ଥକ କୁମାର ପ୍ରଧାନ ଓ ମୁଖ୍ୟ ବକ୍ତା ରୂପେ ରୁଦ୍ର ମାଧବ ବାରିକ ଯୋଗ ଦେଇଥିଲେ। ଡ.ଭବାନୀ ଶଙ୍କର ପଟେଲ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସମ୍ପାଦକ ତରଣୀସେନ ପଟେଲ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ଭାରତୀ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବାର୍ଷିକ ମୁଖପତ୍ର ପ୍ରଜ୍ଞା ଉନ୍ମୋଚିତ ହୋଇଥିଲା। ଶେଷରେ ଉପସଭାପତି ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। ଗୁରୁଜୀ ସୁଶାନ୍ତ ରଣା ଓ ସୁଶୀଳ ହୋତାଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



## ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦ୍‌ଯାପିତ

**ଭବାନୀପାଟଣା, ୨୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି କେସିଙ୍ଗାର ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ଶବର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କହ୍ନେଇ ଚରଣ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ଅଧ୍ୟକ୍ଷ ଶାସ୍ତ୍ରୀଲାଲ ଛତ୍ରିଆ, ପୁରାତନ ଶିକ୍ଷାର୍ଥୀ ସଂସଦ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ, ରଘୁନାଥ ଦୀପ, ପୁରାତନ ଶିକ୍ଷାର୍ଥୀ ସଂସଦ ସଦସ୍ୟ ଚନ୍ଦ୍ରଶେଖର ସାହୁ, ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ନର୍ଲା ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦି ମଞ୍ଚାସୀନ ଥିଲେ। ପୁରାତନ ଶିକ୍ଷାର୍ଥୀ ସଂସଦ ସଭାପତି ଓମ୍ ପ୍ରକାଶ ଛତ୍ରିଆ ଅଧ୍ୟକ୍ଷତା କରିଥିବା ବେଳେ ପୁରାତନ ଛାତ୍ର ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ପୁରାତନ ଓ ଅଧୁନାତନ ସଦସ୍ୟ ସଦସ୍ୟା, ପ୍ରତି ବ୍ୟାଚ୍ ଟପ୍ପର, ପୂର୍ବତନ ଶିକ୍ଷକ, ମଧଙ୍ଗରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାନ୍ଧ୍ୟ ଅଧିବେଶନରେ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚଳ ସାହୁ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ବାଗପୁର ସରପଞ୍ଚ ଗୋପାଳକୃଷ୍ଣ ହାତୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ରୁପ୍ରା ସରପଞ୍ଚ ଡଳି ବେହେରା, ସର୍ଗିଗୁଡ଼ା ସରପଞ୍ଚ ପ୍ରତିନିଧି ବିଜୟ ବୁଢ଼ିଆ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ଼, ଘୋଡ଼ାବନ୍ଧ ସରପଞ୍ଚ ପ୍ରତିନିଧି କେଶରୀ ବାଗ, ରୁପ୍ରାରୋଡ ସମିତି ସଭ୍ୟା ଦୀପାଞ୍ଜଳି ମାଝୀ, ଗାଡେବନ୍ଧ ସମିତିସଭ୍ୟା ସୁଜାତା ସାହୁ, ଭୀମକେଲା ସମିତି ସଭ୍ୟା ସୁମିତ୍ରା ମାଝୀ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ଘଣ୍ଟମାଳ ସମିତି ସଭ୍ୟା ଅବନ୍ତିକା ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୀତିନାଟ୍ୟ 'ଶ୍ରୀଗଣେଶ' ଘୁମୁରା, ବଜାଶାଲ, ଓଡ଼ିଶୀ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଓଲିଉଡ ଗାୟିକା ଅର୍ଚ୍ଚନା ପାଢ଼ୀଙ୍କ ମେଲୋଡି ପରିବେଷିତ ହୋଇଥିଲା।ପୁରାତନ ଶିକ୍ଷାର୍ଥୀ ସଂସଦ ସଭାପତି ଓମପ୍ରକାଶ ଛତ୍ରିଆଙ୍କ ନେତୃତ୍ୱରେ ତଥା ସଂସଦର ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ ଓ ରଘୁନାଥ ଦୀପ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ବିନାୟକ ମହନ୍ତ, ଯେମନ୍ତ ପୋଢ଼, ଅଜିତ କୁମାର ସାହୁ, ପାରେଶ୍ୱର ରଣା ଓ ମକରନ୍ଦ ମାଝୀ, ଯୁଗ୍ମ ସମ୍ପାଦକ ରୀନା ଭୋଇ, ଅଚ୍ୟୁତାନନ୍ଦ ଭୋଇ, ସୌମ୍ୟରଞ୍ଜନ ସା, କୋଷାଧ୍ୟକ୍ଷ ନରୋତ୍ତମ କରୁଆଁ, ସଦସ୍ୟ ଚନ୍ଦ୍ରଶେଖର ସାହୁ, ହିମାଦ୍ରୀ ଭୋଇ, ସ୍ୱାଧୀନ କୁମାର ଭୋଇ, ଶିବପ୍ରସାଦ ସାହୁ, ସରୋଜ ମହାପାତ୍ର, ହିମାଂଶୁ ଶେଖର ଭୋଇଙ୍କ ସମେତ ସଂସଦର ସମସ୍ତ ଉପକମିଟିର କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ୬ରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ



**ଥୁଆମୂଳରାମପୁର, ୨୨।୧୨ (ସମିସ):** କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଚୁଡାନ୍ତ ହୋଇସାରିଛି। ସୋମବାର କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୬ ପାଳନ ପାଇଁ ଅନ୍ତିମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକକଳା ଓ ଲୋକ ସଂସ୍କୃତିର ପର୍ବକୁ କିପରି ଉତ୍ତମ ତଥା ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟରେ ପରିଚାଳନା କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ବୈଠକରେ ବିଡିଓ ଧ୍ରୁବ ଚରଣ ମୁଦୁଲି, ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ସ୍ଥାନୀୟ ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜୟକୃଷ୍ଣ ମେହେର, ବିଜେପି ଯୁବ ନେତା ବିଷ୍ଣୁ ନାଏକ, ବରିଷ୍ଠ ବିଜେପି ନେତା ବାକ୍ରା ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ୍, ଅଧ୍ୟାପକ ବବ୍ରୁ ବାହାନ ବୁଢ଼ିଆ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ଯୁବ ଅନୁଷ୍ଠାନ, ସ୍ଥାନୀୟ କଳାକାର, ବିଭିନ୍ନ ରାଜନୀତିକ ଦଳର ସଦସ୍ୟ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅନେକ ଜନସାଧାରଣ ପ୍ରମୁଖ ଯୋଗଦେଇ ଉତ୍ସବ ପାଳନ ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ ପୁନର୍ବାର ବଣ୍ଟନ ସହ ଅନ୍ତିମ ଯୋଜନା ପ୍ରସ୍ତୁତ କରିଥିଲେ। ତେବେ ଆଗାମୀ ଜାନୁଆରୀ ମାସ ୬ ଏବଂ ୭ ତାରିଖ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ ପାଳନ ପାଇଁ ସ୍ଥିର କରାଯାଇଛି।

## ରାଜ୍ୟସ୍ତରୀୟ ସର୍ଗୀଫୁଲରେ ଛାତ୍ରଙ୍କ କୃତିତ୍ୱ



**ନୂଆପଡ଼ା, ୨୨।୧୨(ସମିସ):** ନୂଆପଡ଼ାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଭାତ କୁମାର ଦାଶ ଗତ ୨୦୨୪/୨୫ ଶିକ୍ଷାବର୍ଷରେ ମାଟ୍ରିକ ବୋର୍ଡ ପରୀକ୍ଷା ଫଳାଫଳରେ ରାଜ୍ୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ପାସ କରି ରେକର୍ଡ କରିଥିବାରୁ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏସସିଏସଟି ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଭାତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଭାତ ନୂଆପଡ଼ା ଏକଲବ୍ୟ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ମାଆ ସଂଯୁକ୍ତାରାଣୀ ସଡ଼ଙ୍ଗୀ ଏବଂ ବାପା ରାମେଶ୍ୱର ଦାଶଙ୍କ ପୁଅ।

## ମାଁ ଭଣ୍ଡାରଘରେନ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଚାହାଁରପାଲି ଚାମ୍ପିଅନ

**ଧର୍ମଗଡ଼, ୨୨।୧୨(ସମିସ)**

ଗୋଲାମୁଣ୍ଡା ବ୍ଲକ ଖଳିଆକାନି ଠାରେ ଆୟୋଜିତ ମାଁ ଭଣ୍ଡାରଘରେନ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ ଖଳିଆକାନି ସରପଞ୍ଚଙ୍କ ପ୍ରତିନିଧି ମୂଷିକ ମଙ୍ଗରାଜ, ସମିତି ସଭ୍ୟଙ୍କ ପ୍ରତିନିଧି ମହେନ୍ଦ୍ର ମଙ୍ଗରାଜ, ମହାଲିଙ୍ଗ ସମିତି ସଭ୍ୟ କିରଣ କୁମାର ସିଂ, ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ, ଚାଷୀ ନେତା ପ୍ରସନ୍ନ ରାଉତ, ସମାଜ ସେବୀ ତେଜରାଜ ମେହେର, ଗଙ୍ଗା ରାଉତ, ପିଣ୍ଟୁ ମେହେର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ଗୋଲାମୁଣ୍ଡା ଓ ଚାହାଁରପାଲି ମଧ୍ୟରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଚାହାଁରପାଲି ଦଳ ବ୍ୟାଟିଂ କରି ୧୦ଓଭର ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା। ଚାହାଁରପାଲି ଦଳ ବିପକ୍ଷରେ ଗୋଲାମୁଣ୍ଡା ଦଳ ୧୦ଓଭର ରେ ୧୧୦ରନ ସଂଗ୍ରହ କରି ଦଳ ପରାଜୟ ହୋଇଥିଲା। ପ୍ରତିଯୋଗିତାରେ ଉତ୍ତମ ମେହେର, ନୀଳ ହଂସ ଖେଳ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ଜଗଦୀଶ ମେହେର ଓ ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ଧାରା ବିବରଣୀ ସୁରେଶ ମହାନନ୍ଦ କାର୍ଯ୍ୟ ତୁଲାଇଥିଲେ। ଅଭିରାମ ଲିମଗୋଛିଆ, ରଞ୍ଜୁ ତାଣ୍ଡି, ମାଧବ ହଂସ, ଶ୍ରିତମ ମେହେର, ପଙ୍କଜ ପ୍ରମୁଖ ସହଯୋଗ କରିଥିଲେ।



# ବିଜେପି ଚାଷୀଙ୍କୁ ଶୋଷଣ କରୁଛି

**ବଲାଙ୍ଗିର, ୨୨।୧୨(ସମିସ)**

ବର୍ତ୍ତମାନ କେବଳ ବଲାଙ୍ଗିରରେ ନୁହେଁ; ସାରା ପଶ୍ଚିମ ଓଡ଼ିଶାରେ ଧାନ ବିକ୍ରି ଅବ୍ୟବସ୍ଥାକୁ ନେଇ ଚାଷୀ ଆନ୍ଦୋଳନ ଚାଲିଛି। ସରକାର ଧାନକିଣାକୁ ନେଇ ଯାହା କିଛି ବି ବ୍ୟବସ୍ଥା କରିଥିଲେ ତାହା ଫେଲ୍ ମାରିଛି। ବଲାଙ୍ଗିର ଜିଲ୍ଲାରେ ୫ ତାରିଖରୁ ସମସ୍ତ ମଣ୍ଡି ଖୋଲିବ। ବିନା କଟନି ଛଟନିରେ ଚାଷୀଙ୍କଠାରୁ ଧାନ କିଣା ଯିବ ବୋଲି ସରକାର ତଥା ବିଭାଗ ଘୋଷଣା କରିଥିଲା। କିନ୍ତୁ ଦୀର୍ଘ ୧୫ ଦିନ ବିତି ଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଚାଷୀ ତାର ବହୁ କଷ୍ଟ ଉପାର୍ଜିତ ଅମଳ ଧାନ ବିକ୍ରି କରି ନ ପାରି ଘୋର ଦୁର୍ଦ୍ଦଶାରେ ପଡ଼ି ରହିଛି। ତେଣୁ ଲୋକଙ୍କ ସରକାର କହୁଥିବା ବିଜେପି ସରକାର ଚାଷୀଙ୍କୁ ଶୋଷଣ କରୁଛି। ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। ଦୀର୍ଘ ଦିନରୁ ଅମଳ ହୋଇଥିବା ଧାନ ଚାଷୀ ବିକ୍ରି କରିପାରୁନି। ଧାନର ଆର୍ଦ୍ରତା ନିର୍ଦ୍ଧାରିତ ଆର୍ଦ୍ରତାଠାରୁ କମି ଯାଉଛି। ଏହାଫଳରେ ଏହାର ଓଜନ କମୁଛି। ଏଣୁ ଧାନ କ୍ୱିଣ୍ଟାଲ ପିଛା ୧୫ରୁ ୧୭ କେଜି ଓଜନ ହ୍ରାସ ହେବ। ଏହାର କ୍ଷତିଭରଣ କିଏ କରିବ ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଏପରି କି କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଲେ ମଧ୍ୟ ରାଜ୍ୟ ସେହି ବର୍ଦ୍ଧିତ ମୂଲ୍ୟକୁ ଇନ୍‌ପୁଟ ସବ୍‌ସିଡିରୁ (ବୋନସ) କାଟି ଦେଉଛି। ତେଣୁ ଚାଷୀକୁ ବର୍ଦ୍ଧିତ ଏସ୍‌ଏସ୍‌ପି ସହ ୮୦୦ ଟଙ୍କା ବୋନସ ରାଶି ମିଶାଇ ସରକାର ପ୍ରଦାନ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। କଟନି ଛଟନି ବିନା ଧାନ କିଣାଯିବ ବୋଲି ବାହାବା ନେଉଥିବା ରାଜ୍ୟ ସରକାରଙ୍କ ଗୋଟିଏ ଜିଲ୍ଲାର ଜିଲ୍ଲାପାଳ ଏକ କେଜି କଟନି କରାଯିବ ବୋଲି କହିବା ସତ୍ତ୍ୱେ ସରକାର ତଥା ତାଙ୍କ ମନ୍ତ୍ରୀ ମୁହଁ



ନ ଖୋଲିବା ଅତି ନିନ୍ଦନୀୟ। ପୂର୍ବରୁ ଚାଷୀଙ୍କ ଧାନ କିଣାକୁ ନେଇ ଓଡ଼ିଶା ହାଇକୋର୍ଟରେ ଜିଲ୍ଲାର ଚାଷୀ ନକୁଳ ମେହେର୍ଙ୍କ ନେତୃତ୍ୱରେ ସରକାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ଚାଷୀଙ୍କ ସମସ୍ତ ଧାନ ଏଫ୍‌ସିଆଇ କିଣୁ ବୋଲି ନିର୍ଦ୍ଦେଶ ଦେବା ସତ୍ତ୍ୱେ କିଛି ବର୍ଷ ଏଫ୍‌ସିଆଇ କିଣିବା ପରେ ବର୍ତ୍ତମାନ ଏଫ୍‌ସିଆଇ କୌଣସି ଧାନ କିଣୁ ନାହିଁ। ଯଦି ଏଫ୍‌ସିଆଇ ଧାନ କିଣୁଥାନ୍ତା ତେବେ ଚାଷୀ ବିନା କଟନି ଛଟନିରେ ତାର ଅମଳ ହେଉଥିବା ସମସ୍ତ ଧାନ ବିକ୍ରି କରୁଥାନ୍ତା। ତେଣୁ ଏଫ୍‌ସିଆଇ ଚାଷୀଙ୍କଠାରୁ ସମସ୍ତ ଧାନ କିଣୁ। ଗତ ସରକାର ସମୟରେ ଷ୍ଟେଣ୍ଡିଂ କମିଟିର ସମସ୍ତ ସଭ୍ୟଙ୍କ ସହମତିରେ ନିଷ୍ପତ୍ତି ହୋଇଥିଲା ଯେ ଚାଷୀଙ୍କଠୁ ଏଫ୍‌ସିଆଇ ହିଁ ସମସ୍ତ ଧାନ କିଣୁ। ଏହି ନିଷ୍ପତ୍ତିକୁ ବର୍ତ୍ତମାନର ସରକାର ଲାଗୁ କରୁ। ଏହା ଦ୍ୱାରା ଚାଷୀ ଧାନର ଅଭାବୀ ବିକ୍ରିରୁ ମୁକ୍ତି ପାଇବେ। ଏଫ୍‌ସିଆଇ ପାଖରେ ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ପାଣ୍ଠି ମହଜୁତ ଅଛି। ଫୁଡ କର୍ପୋରେସନ ଆକ୍ଟ ସେକ୍ସନ ୧୩ ହିସାବରେ ଯଦି ଚାଷୀ ଅଭାବୀ ବିକ୍ରିର ଶିକାର ହୁଏ ତାର ସମସ୍ତ ଧାନ ଏଫ୍‌ସିଆଇ କିଣିବାକୁ ବାଧ୍ୟ। ତେଣୁ ଏଫ୍‌ସିଆଇ ଯେପରି ଧାନ କିଣିବ ବର୍ତ୍ତମାନର ସରକାର ଧାନ କିଣୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ବଲାଙ୍ଗିର ସଦର, ଦେଓଗାଁ ବ୍ଲକ ଓ ବଲାଙ୍ଗିର ମ୍ୟୁନିସିପାଲଟିରେ ହେଉଥିବା ଦୁର୍ନୀତିକୁ ନେଇ ସିଧାସଳଖ ପ୍ରଶାସନକୁ ଟାର୍ଗେଟ କରିଥିଲେ। ସଦାଇପାଲିରେ ମାଟି ରାସ୍ତା କାମ ପାଇଁ ସେ ନିଜେ ବିଧାୟକ ଥିବା ବେଳେ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। ସେ ରାସ୍ତା କାମ ନ ହୋଇ ଅନୁଦାନ ହଡପ ହେଇଛି। ଠିକ୍ ସେହିପରି ଦେଓଗାଁ ବ୍ଲକରେ ମଧ୍ୟ ବିନା ବଜେଟ ପ୍ରସ୍ତୁତିରେ ବ୍ଲକର ସମସ୍ତ ପାଣ୍ଠିକୁ ମନମୁତାବକ ଖର୍ଚ୍ଚ କରାଯାଉଛି। ଏହାକୁ ନେଇ ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ ହେଁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶୁଣୁ ନାହାନ୍ତି। ଏପରି କି ଉଭୟ ବ୍ଲକର ଦୁର୍ନୀତି ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାକୁ ଧ୍ୟାନ ଦେଉ ନାହିଁ। ମହାରାଣୀ ସାଗରରେ ମଧ୍ୟ ମ୍ୟୁନିସିପାଲିଟି ଅବହେଳା ଯୋଗୁଁ ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାରଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଡିସେମ୍ବର ୫ ତାରିଖ ଦିନ ମାମଲା ରୁଜୁ କରାଯାଇଛି। ୧୫ ଦିନ ବିତି ଯାଇଥିଲେ ମଧ୍ୟ ଏହାକୁ ନେଇ କୌଣସି ପ୍ରକାର ତଦନ୍ତ କାହିଁକି ଆରମ୍ଭ କରାଯାଇ ନାହିଁ ବୋଲି ପୁଲିସ ପ୍ରଶାସନକୁ ସେ ଟାର୍ଗେଟ କରିଥିଲେ। ଜିଲ୍ଲା ପ୍ରଶାସନର ଏପରି ଉଦାସିନତା ପ୍ରମାଣ କରୁଛି ଯେ ଜିଲ୍ଲା ପ୍ରଶାସନ ମଧ୍ୟ ସଦର ବ୍ଲକ, ଦେଓଗାଁ ବ୍ଲକ ଓ ମ୍ୟୁନସିପାଲିଟିର ଆର୍ଥିକ ଅନିୟମିତତାକୁ ଘଣ୍ଟ ଘୋଡାଉଛି। ତେଣୁ ଜିଲ୍ଲା ପ୍ରଶାସନ ଓ ସରକାର ଚାଷୀ ତଥା ସାଧାରଣ ଜନତାଙ୍କୁ ଯଦି ନ୍ୟାୟ ନ ଦିଏ ତେବେ ଏହି ସମସ୍ୟାକୁ ନେଇ ତିବ୍ର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଚାଷୀନେତା ସାନନ୍ଦ ମିଶ୍ର, ଉମାକାନ୍ତ ସାହୁ, ଅଜୟ ବାଲି, ଲୋପନ ମିଶ୍ର, ମାନସ ମହାନ୍ତି, ସଞ୍ଜୟ ମିଶ୍ର, ଅନନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଏଲଏଚ୍‌ଭିଙ୍କୁ ହତ୍ୟା

## ସାଇଣ୍ଟିଫିକ ଟିମ୍ ଓ ପୁଲିସର ତଦନ୍ତ

**ଧର୍ମଗଡ଼, ୨୨।୧୨ (ସମିସ):** ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁର ଅବସରପ୍ରାପ୍ତ ଏଲଏଚଭି ସୁଚିତ୍ରା ଖୁଣ୍ଟିଆ(୬୨)ଙ୍କୁ ହତ୍ୟା ଅଭିଯୋଗ। ବିଳମ୍ବିତ ରାତିରେ ଘରେ ଏକୁଟିଆ ଥିବା ସମୟରେ ଦୃର୍ବୃତ୍ତ ଲୁଟପାଟ କରିବା ଉଦ୍ଦେଶ୍ୟରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ହତ୍ୟାକାରି ଦୁର୍ବୃତ୍ତମାନେ ମୃତକଙ୍କ ଘରେ ଥିବା ସ୍କୁଟି ଗାଡି ନେଇ ଫେରାର ମାରିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ହତ୍ୟାର କାରଣ ସ୍ପଷ୍ଟ ହୋଇପାରିନାହିଁ। ଖବରପାଇ ଘଟଣାସ୍ଥଳରେ ଧର୍ମଗଡ଼ ପୁଲିସ, ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ମତେ ରବିବାର ଦିନ ମୃତ ମହିଳା ଜଣକ ଘରେ ଏକୁଟିଆ ରହୁଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘର ଭିତରକୁ ପଶି ଲୁଟପାଟ ଉଦ୍ୟମ ବେଳେ ମୃତ ମହିଳା ଜଣକ ପ୍ରତିବାଦ କରିଥିଲେ। ହେଲେ ଦୁର୍ବୃତ୍ତ ମହିଳା ଜଣକ ଘୋଡେଇ ହୋଇଥିବା ଶୀତବସ୍ତ୍ରରେ ତଣ୍ଟିଚିପି ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେଇଥିବା ସନ୍ଦେହ କରାଯାଉଛି। ପରେ ମୃତ ମହିଳାଙ୍କ ସ୍କୁଟି ଗାଡି ଧରି ନେଇ ଫେରାର ମାରି ଭୀମଖୋଜପଡ଼ା ବିଜୁ ଏକ୍ସପ୍ରେସ ୱେ ରାସ୍ତା ନିକଟରେ ଛାଡି



ଦେଇଥିବା ଜଣାପଡ଼ିଛି। ପୁଲିସ ସବୁ ଦିଗ ପ୍ରତି ଅନୁଧ୍ୟାନ କରି ତଦନ୍ତ କୁ ତ୍ୱରାନ୍ୱିତ କରିଛି। ଧର୍ମଗଡ଼ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତ ମହିଳା ଜଣକ ଦୀର୍ଘଦିନ ଯାଏ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଲଏଚଭି ଭାବେ କାମ କରୁଥିବା ବେଳେ ଗତ ୨୦୨୪ମସିହାରେ ଅବସର ହୋଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ମତେ ସେ ଜଣେ ପରୋଉପକାରୀ ମିଷ୍ଟା ଭାସି ମହିଳା ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଉଛି।

# ପର୍ଲିମାଲ କାନାରା ବ୍ୟାଙ୍କରୁ ଡକାୟତି ଉଦ୍ୟମ




**ବେଲପଡ଼ା, ୨୨।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ପର୍ଲିମାଲ ଗାଁରେ ଥିବା କାନାରା ବ୍ୟାଙ୍କରୁ ଡକାୟତି ଉଦ୍ୟମ ବିଫଳ ହୋଇଛି। ବ୍ୟାଙ୍କର ପଛପଟେ ଥିବା ସ୍କାଏଲାଇଟ ଦେଇ ଲୁଟେରା ବ୍ୟାଙ୍କ ଭିତରକୁ ପଶିଥିଲେ। ସୋମବାର ସକାଳେ କର୍ମଚାରୀ ବ୍ୟାଙ୍କ ଖୋଲିବାକୁ ଗଲାବେଳେ ଭିତର ପଟୁ କବାଟ ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ପୁଲିସକୁ ଖବର ଦେଇଥିଲେ। ବେଲପଡ଼ା ଥାନା ଆଇଆଇସି ଅନନ୍ତ ପଧାନ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣାଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୁଝାରୀ ମଧ୍ୟ ପହଞ୍ଚି ଥିଲେ। ବଲାଙ୍ଗୀରରୁ ସାଇଣ୍ଟିକଫିକ ଟିମ୍ ସହ ସନ୍ଧାନୀ କୁକୁର ପହଞ୍ଚିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରଥମେ କଟର ସାହାଯ୍ୟରେ କବାଟ ଖୋଲିବା ପରେ ପୁଲିସ ବ୍ୟାଙ୍କ ଭିତରକୁ ପଶିଥିଲା। କାଗଜପତ୍ର ଏପଟ ସେପଟ ହୋଇ ପଡ଼ିଥିବା ବେଳେ ସୁନା ଓ ଟଙ୍କା ଥିବା ଲକର ସୁରକ୍ଷିତ ଥିବା ଦେଖିବାକୁ ପାଇଥିଲା। ଦୁର୍ବୃତ୍ତ ଲକର କାଟି ନ ପାରି ବାଧ୍ୟ ହୋଇ ପଳାଇଥିବା ଅନୁମାନ କରାଯାଉଛି। ଏହାଫଳରେ ଏକ ବଡ଼ ଧରଣର ଚୋରି ହେବାରୁ ବ୍ୟାଙ୍କ ଅଳ୍ପକେ ବର୍ତ୍ତି ଯାଇଛି।

# କେସିଙ୍ଗାରେ ଡାକ୍ତର, କର୍ମଚାରୀଙ୍କ ଆନ୍ଦୋଳନ



**କେସିଙ୍ଗା, ୨୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ହସ୍ପିଟାଲରେ କାର୍ଯ୍ୟରତ ସମସ୍ତ ସରକାରୀ ବେସରକାରୀ କର୍ମଚାରୀ ଡାକ୍ତରଙ୍କ ଠାରୁ ଆରମ୍ଭ କରି ସିକୁରିଟୀ ଗାର୍ଡ ମେଡିକାଲ ସମ୍ମୁଖରେ ଆନ୍ଦୋଳନ କରି ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ସେବା ବନ୍ଦ କରିଥିଲେ। କେସିଙ୍ଗା ମେଡିକାଲର ମୁଖ୍ୟ ଡାକ୍ତର ପ୍ରୟାଗ ପ୍ରତିଶ୍ରୁତି ମାଝୀଙ୍କ କହିବା ଅନୁସାରେ ସୋମବାର ସକାଳ ପ୍ରାୟ ୮ଟା ସମୟରେ କିଛି ଲୋକ ତାଙ୍କ ସରକାରୀ ବାସଭବନ ସମ୍ମୁଖକୁ ଯାଇ କୌଣସି ଏକ ମେଡିକାଲ କେସ ବାବଦରେ ହୋହାଲ୍ଲା କରିଥିଲେ। ତାଙ୍କ କହିବା ଅନୁସାରେ ସେମାନେ କୁଆଡେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମକର୍ତ୍ତା ସେମାନଙ୍କ ମଧ୍ୟରୁ କିଛି ଦଳୀୟ କର୍ମୀଙ୍କୁ ମ୍ୟାଡାମ ଭଲ ଭାବେ ଜାଣିଛନ୍ତି ଓ ତାଙ୍କ ସହିତ ଭଲ ସମ୍ପର୍କ ମଧ୍ୟ ରହିଛି।ହେଲେ ବାକି ସବୁ ଘର ସମ୍ମୁଖରେ ରୁଣ୍ଡ ହୋଇଥିବା ଲୋକଙ୍କୁ ଚିହ୍ନି ନଥିଲେ। ସେଥିପାଇଁ ସମସ୍ତ ମେଡିକାଲ କର୍ମୀ ଭୟଭୀତ ହୋଇ ଯାଇଥିଲେ। ତାଙ୍କ କହିବା ଅନୁସାରେ ଏମିତି ପ୍ରତିଦିନ କିଏ ନା କିଏ ଆସି ମେଡିକାଲରେ ପାଟିତୁଣ୍ଡ କରୁଛନ୍ତି। ସେଥିପାଇଁ ଆମକୁ କାମ କରୁଥିବା ଡର ଲାଗୁ ଥିବାରୁ ଆମର ସୁରକ୍ଷା ପାଇଁ ଆମେ ଆନ୍ଦୋଳନରେ ବସିଛୁ ବୋଲି କହିଛନ୍ତି। ସେପଟେ କଂଗ୍ରେସ କର୍ମୀ ଓ ସାଧାରଣ ଜନତା କହିବା ଅନୁସାରେ ମେଡିକାଲରେ କାର୍ଯ୍ୟରତ ସମସ୍ତ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫମାନେ ସମୟରେ ମେଡିକାଲକୁ ନ ଆସି ନିଜ ଘରେ କିମ୍ବା କ୍ଲିନିକ୍‌ରେ ରୋଗୀ ଦେଖୁଛନ୍ତି। ସେଥି ପାଇଁ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ କଂଗ୍ରେସ କର୍ମୀଙ୍କ କହିବା ଅନୁସାରେ ଆଜିର ବିଷୟରେ ଉପରେ ଆମେ ଆନ୍ଦୋଳନରେ ବସିବା କଥା ଦୁର୍ଭାଗ୍ୟ ବଶତଃ ରୋଗୀ ସେବା ଠପ କରି ମେଡିକାଲ ଷ୍ଟାଫ ଆନ୍ଦୋଳନରେ ବସିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି।ସେ ଯାହା ହେଉ ଆନ୍ଦୋଳନ ସମାପ୍ତ ହୋଇ ଯାଇଛି ନିଜେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା କେସିଙ୍ଗା ଆସି ସ୍ଥାନୀୟ ପୁଲିସ ଅଧିକାରୀ ଓ ମେଡିକାଲର ବରିଷ୍ଠ ଡାକ୍ତରଙ୍କ ସହିତ ଆଲୋଚନା କରି ଗଣମାଧ୍ୟମ ଆଗରେ ମେଡିକାଲ କର୍ମଚାରୀଙ୍କୁ ହଇରାଣ ନ କରି ତାଙ୍କ କାମ କରିବାକୁ ଦେବା ପାଇଁ ସହରବାସୀଙ୍କ ସମେତ ସମସ୍ତ ବୁଦ୍ଧିଜିବୀଙ୍କୁ ଅନୁରୋଧ କରିଥିଲେ।

# ଦହ୍ୟା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ମନମୁଣ୍ଡା, ୨୨।୧୨(ସମିସ):** ଦହ୍ୟାସ୍ଥିତ ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କନ୍ଧମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ, ସମ୍ମାନୀତ ଅତିଥି ରୂପେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ତଥା ଗବେଷକ ସୁଦାମ ନାଏକ ଏବଂ ସମିତି ସଭ୍ୟ ଦଳଗଞ୍ଜନ ବେହେରା ଯୋଗ ଦେଇଥିଲେ। ଶ୍ରେଷ୍ଠଛାତ୍ର ରୂପେ ଶୁଭେନ୍ଦୁ ନାୟକ, ଶ୍ରେଷ୍ଠ ଗାୟିକା



ସନ୍ଧ୍ୟାରାଣୀ ପ୍ରଧାନ, ଶକ୍ତି ସଂରକ୍ଷଣ ମଡେଲ ପ୍ରସ୍ତୁତ କରି ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟଙ୍କା ପଣ୍ଡା, ଶ୍ରେଷ୍ଠ ନର୍ତ୍ତକୀ ଟିଙ୍କିରାନି ସାହୁ, ଶ୍ରେଷ୍ଠ ଖେଳାଳି ଶ୍ରୀୟାରାଣୀ ସିଂହ, ଶ୍ରେଷ୍ଠ କଳାକାର ପ୍ରମୋଦ ରଣାଙ୍କ ସମେତ ବହୁ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିରେନ୍ଦ୍ର ପ୍ରଧାନ ଓ ହେମକାନ୍ତ ମେହେର ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ ମିଶ୍ର, ପ୍ରକାଶ ଡାଙ୍ଗ, ଶୁଭଶ୍ରୀ କର୍ମୀ, ଓମ୍‌ପ୍ରକାଶ ମେହେର, ଦେବହୁତି ମିଶ୍ର, ରଶ୍ମି କିଶନ, ରମେଶ ରଞ୍ଜନ ସେଠୀ, ଗୋବର୍ଦ୍ଧନ ମାଲିକ, ଉମେଶ ମେହେର, ସରସୀବାଳା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଘରେ ପଶି ସୁନା ଚେନ୍ ଲୁଟ୍

**ବଲାଙ୍ଗିର, ୨୨।୧୨(ସମିସ):** ବଲାଙ୍ଗିର ସହରରେ ପୁଣି ଲୁଟେରା ମାତିଛନ୍ତି। ସୋମବାର ଘରେ ପଶି ସୁନା ସଫା କରିବା ନାମରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ କରି ଫେରାର ମାରିଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ସହର ତେଲିଗୋଠପଡ଼ାରେ ସୁନା ସଫେଇ କରିବା ନାମରେ ୨ ଜଣ ଯୁବକ ଏକ ଘରେ ପଶିଥିଲେ। ତେବେ ମହିଳା ଜଣକ ସଫା କରିବାକୁ ମନ୍ନାଆ କରିବାରୁ ସେ ପିନ୍ଧିଥିବା ସୁନା ଚେନ୍ ଲୁଟି ଫେରାର୍ ହୋଇଯାଇଥିଲେ। ଚୋରି ହୋଇଥିବା ଚେନ ୩୦ ଗ୍ରାମର। ଖବର ପାଇ ଟାଉନ ପୁଲିସ ତନାଘନା ଆରମ୍ଭ କରିଛି।

# ଗଣିତ ଭୟ କରିବାର ବିଷୟ ନୁହେଁ

**ବଲାଙ୍ଗିର, ୨୨।୧୨(ସମିସ):** ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଭାରତର ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ଉପସ୍ଥିତ ଛାତ୍ରୀମାନଙ୍କୁ ଗଣିତ ଭୟ କରିବାର ବିଷୟ ନୁହେଁ। ଏହା ଭବିଷ୍ୟତର ଭିତ୍ତି ବୋଲି କହିବା ସହ ଗଣିତ କେବଳ ପାଠ୍ୟ ପୁସ୍ତକରେ ସୀମିତ ନୁହେଁ। ଏହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ ଏବଂ ଏହା ଆନନ୍ଦର ବିଷୟ ବୋଲି କହିଥିଲେ। ଗଣିତ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ପୁଜାହାରୀ, ସବିତା ମିଶ୍ର ଓ ବିନ୍ଦୁରେଖା ସାହୁ ପ୍ରମୁଖ ନିଜ ବକ୍ତବ୍ୟରେ ଗଣିତ କେବଳ ସଂଖ୍ୟା ଓ ସୂତ୍ରର ବିଷୟ ନୁହେଁ। ଏହା ତାର୍କିକ ଭାବେ ଚିନ୍ତା କରିବା, ସମସ୍ୟା ସମାଧାନ କରିବା ଓ ଜୀବନକୁ ସୁସଂଗଠିତ କରିବା ଶିଖାଏ ବୋଲି କହିଥିଲେ। ଏହି ଅବସରରେ ଗଣିତ କୁଇଜ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀ ସ୍ମୃତିଶିଖା କୁମ୍ଭାର, ଶ୍ରେୟା ଶେଫାଳି ସାହୁ, ସଂସ୍କୃତି ସାହୁ, ଦମୟନ୍ତୀ ଖୁଆସ, ମାନସୀ ରାଣୀ ଦାଶ, ଅର୍ଚ୍ଚନା ବେହେରା, ସ୍ମୃତିପ୍ରିୟା ସାହୁ, ପ୍ରତିଶ୍ରୁତି ସାଗର, ଦୀପାଳି ସାହୁ ଓ ପ୍ରିୟଙ୍କା ରଣା ପୁରସ୍କୃତ ହୋଇଥିଲେ।

# ପୁଲିସ ଲଗାଇଲା ମାଓବାଦୀ ବିରୋଧୀ ପୋଷ୍ଟର

**ବୌଦ୍ଧ, ୨୨।୧୨(ସମିସ):** ବୌଦ୍ଧ ଜିଲ୍ଲାର କନ୍ଧମାଳ ସମେତ ଘଣ୍ଟାପଡ଼ା ଓ ମନମୁଣ୍ଡା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୁଲିସ ମାଓବାଦୀ ବିରୋଧୀ ପୋଷ୍ଟର ଲଗାଇଛି। ବିଭିନ୍ନ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ




ନାମ ପ୍ରକାଶ ପାଇଛି। ସେମାନଙ୍କୁ ଧରାଇ ଦେଲେ ପୁରସ୍କୃତ କରାଯିବ ବୋଲି ଉଲ୍ଲେଖ ରହିଛି। ସେହିପରି ମାଓବାଦୀ କାର୍ଯ୍ୟ କଳାପ ପରିତ୍ୟାଗ କରି ଆତ୍ମସମର୍ପଣ କଲେ ସରକାରଙ୍କ ପକ୍ଷରୁ ଥିବା ଥଇଥାନ ଯୋଜନା ସମ୍ପର୍କରେ ପୋଷ୍ଟର ମାଧ୍ୟମରେ ସଚେତନ କରା ଯାଇଛି। ପୋଷ୍ଟର ଗୁଡିକ ଲମ୍ବସରୀ, ଶଗଡ଼ା, ଘଣ୍ଟାପଡ଼ା, ନାରାୟଣ ପ୍ରସାଦ, ବରଗୋଛା, ଗୁନ୍ଦୁଲିଆ, ଖୁଣ୍ଟିଗୋରା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଖିବାକୁ ମିଳିଛି।

# ନୂଆପଡ଼ାରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

**ପୁରୁଣାକଟକ, ୨୨।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଂକଲୋଇ କ୍ଲଷ୍ଟରର ନୂଆପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା




ଅନୁଷ୍ଠିତ ହୋଇଥିଲା। ଏହି ଶିକ୍ଷାସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ସତ୍ୟବାଦୀ ଚାଉଲିଆ, ଶିକ୍ଷାସଭାର ପର୍ଯ୍ୟବେକ୍ଷକ ଭାବେ ଭେଜିଗୋରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ରଣା, ସମ୍ମାନିତ ଅତିଥି ଭାବେ ଖରଭୂଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ନାୟକ, ନୂଆପଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସେଠୀ ଓ ପାଣିଘରା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସରୋଜ ଭୋକ୍ତା ପ୍ରମୁଖ ଯୋଗ ଦେଇଥିଲେ। ସିଆରସିସି ନରେନ୍ଦ୍ର ରଣା ଅଧ୍ୟକ୍ଷତା କରିଥିଲେ। ସଂକୁଲୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବୃନ୍ଦାବନ ଭୋକ୍ତା ମଞ୍ଚ ପରିଚାଳନା କରିଥିଲେ। ଖରଭୂଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ହୋଟେଲ ଭ୍ରମର, ଏସ୍‌ଏ କିଙ୍ଗ ପ୍ଲାଜା ସିଲ୍

## ନିଜସ୍ୱ ପାର୍କିଂ ନାହିଁ, ଦେଖାଇପାରିଲେନି ଅସଲ ସ୍କେଚ୍‌ମ୍ୟାପ ଓ ଦସ୍ତାବିଜ

**ବଲାଙ୍ଗିର, ୨୨।୧୨(ସମିସ)**

ବଲାଙ୍ଗିର ସହରରେ ପୁଣି ୨ଟି ହୋଟେଲ ସିଲ୍ ହୋଇଛି। ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରେ ଥିବା ଭ୍ରମର ହୋଟେଲକୁ ସୋମବାର ପୌର ପ୍ରଶାସନ ସିଲ୍ କରିଛି। ଆବଶ୍ୟକ ଅନୁମତି ନ ଥିବା ଦର୍ଶାଇ ଏହି ହୋଟେଲକୁ ସିଲ୍ କରାଯାଇଛି। ତେବେ ଅନ୍ୟପକ୍ଷେ ଏସ୍. ଏ କିଙ୍ଗ ପ୍ଲାଜା ମଧ୍ୟ ସିଲ୍ କରାଯାଇଛି।

ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କିମ୍ବା ବିନା କୌଣସି ଅନୁମତିରେ ଚଳାଇଥିବା ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ପୌର ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗତ ୧୨ ତାରିଖରୁ ପୌର



ପରିଷଦ ପକ୍ଷରୁ ସହରରେ ଥିବା ବଡ ବଡ ପ୍ରତିଷ୍ଠାନର ତାଲିକା ପ୍ରସ୍ତୁତ କରି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ସ୍ଥାନୀୟ ଏକ ବିବାହ ମଣ୍ଡପକୁ ସିଲ୍ କରାଯାଇ ଜରିମାନା କରାଯାଇଥଲା। ପ୍ରାୟ ୬୦ରୁ ଅଧିକ ପ୍ରତିଷ୍ଠାନକୁ ନୋଟିସ୍ କରାଯାଇଥିଲା; ଯେଉଁଥିରେ ଅନେକ ହୋଟେଲ ଓ ଲଜ ରହିଛି। ସହର ଭିତରେ ଆଇନ କାନୁନକୁ ବେଖାତିର କରି ହୋଟେଲ ମାଲିକମାନେ ସରକାରୀ ଜାଗା, ଡ୍ରେନ ମାଡିବସି ବ୍ୟବସାୟ ଚଳାଇଛନ୍ତି। ଏଣୁ ୭ ଦିନ କଣ୍ଟ ପୂରିବା ପରେ ସୋମବାର ଚଢଉ ଆରମ୍ଭ ହୋଇଛି। ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଏନଫୋର୍ସମେଣ୍ଟ ଟିମ୍ ସହ ଚଢଉ କରିଥିଲେ। ହୋଟେଲ ପାଖରେ ନିର୍ମାଣର ଅସଲ ସ୍କେଚ ମ୍ୟାପ ନ ଥିଲା। ଅନ୍ୟ ଦସ୍ତାବିଜଗୁଡିକ ମଧ୍ୟ ଠିକ ଭାବେ ମାଲିକ ଦେଖାଇବାରେ ବିଫଳ ହୋଇଥିଲେ। ହୋଟେଲର ନିଜସ୍ୱ ପାର୍କିଂ ନ ଥିବା ବେଳେ କୌଣସି କାର୍ଯ୍ୟକ୍ରମ ହେଲେ ରାସ୍ତା ଉପରେ ଗାଡି ରହୁଥିବା ଅଭିଯୋଗ ହୋଇଥିଲା। ତେବେ ବେଆଇନ ଭାବେ ହୋଟେଲ ପରିଚାଳନା ହେଉଥିବା ଅଭିଯୋଗରେ ପୌର ଆଇନ ଅନୁସାରେ ପୌର ପରିଷଦ ପକ୍ଷରୁ ଏହାକୁ ସିଲ୍ କରାଯାଇଥିଲା। ଗତ ୧୪ ତାରିଖରେ ହୋଟେଲ ମାଲିକ ନୋଟିସ ପାଇଥିଲେ। ୧୯ ତାରିଖରେ ସମସ୍ତ କାଗଜପତ୍ର ପୌରପରିଷଦ ପାଖରେ ଦାଖଲ କରିଥିଲେ। କେବଳ ପାର୍କିଂ ବାହାନା ଦେଖାଇ ହୋଟେଲକୁ ସିଲ୍ କରାଯାଇଥିବା ସେ କହିଛନ୍ତି।

ଏହାକୁ ନେଇ ହୋଟେଲ ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପୌର ନିର୍ବାହୀ ଅଧିକାରୀଙ୍କ କହିବା ଅନୁସାରେ ହୋଟେଲର ଲଜିଂ, ସ୍ୱିମିଂ ପୁଲ୍, ରେଷ୍ଟୁରାଣ୍ଟର କୌଣସି ଅନୁମତି ନାହିଁ। ଏଣୁ ୭ ଦିନିଆ ନୋଟିସ୍ ଦିଆଯାଇଥିଲା। ତାହା ପୂରଣ ନ ହେବାରୁ ସିଲ୍ କରାଯାଇଛି। ହୋଟେଲ ମାଲିକଙ୍କ କହିବା ଅନୁସାରେ ତାଙ୍କ ପାଖରେ ସବୁ ଅନୁମତି ଅଛି; କିନ୍ତୁ ପାର୍କିଂ ବ୍ୟବସ୍ଥା ନ ଥିବା ଦର୍ଶାଇ ପୌର ପରିଷଦ ମନମୁଖୀ ହୋଟେଲ ସିଲ୍ କରିଛି।

## ପୌର ପାଚେରି ଭାଙ୍ଗି ପଛପଟ ଭଡାରେ ଲାଗିଛି ଦୋକାନ



ହିଡକୁ ବେଆଇନ ଭାବେ ଅକ୍ତିଆର କରିଥିବାରୁ ହୋଟେଲ ପଛପଟ ଗେଟରେ ପୌର ପରିଷଦ ପକ୍ଷରୁ ପାଚେରି ଦେଇ ସିଲ୍ କରାଯାଇଥିଲା। ତେବେ ଏହାକୁ ମଧ୍ୟ ସମ୍ପୃକ୍ତ ହୋଟେଲ ମାଲିକ ଭାଙ୍ଗି ଗୋଟିଏ ଷ୍ଟଲକୁ ଭଡାରେ ଲଗାଇଥିବା ଦେଖିବାକୁ ମିଳିଛି; ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଏହି ହୋଟେଲ ଉପରେ ଚଢଉ କରାଯାଇଛି। କିଛି ବର୍ଷ ପୂର୍ବରୁ ହୋଟେଲ ନିଜ ପାର୍କିଂ ବ୍ୟବସ୍ଥା ନ କରି କରଙ୍ଗାକଟା

